# India delivers next batch of medical assistance to Afghanistan

January 07, 2022

## ଭାରତ ଆଫଗାନିସ୍ତାନକୁ ଆଉ ଏକ ବ୍ୟାଚ୍ ଚିକିତ୍ସା ସହାୟତା ପ୍ରଦାନ କରିଛି

ଜାନୁଆରୀ 07, 2022

ଆଫଗାନିସ୍ତାନବାସୀଙ୍କୁ ଜାରି ରହିଥିବା ଆମର ମାନବିକ ସହାୟତା ଅନ୍ତର୍ଗତ ଭାରତ ଆଜି ଆଫଗାନିସ୍ତାନକୁ ଦୁଇ ଟନ୍ ଅତ୍ୟାବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧକୁ ନେଇ ତୃତୀୟ ବ୍ୟାଚ୍ ଚିକିତ୍ସା ସହାୟତା ଯୋଗାଇ ଦେଇଛି। ଏହି ଔଷଧୀୟ ସାମଗ୍ରୀ କାବୁଲର ଇନ୍ଦିରା ଗାନ୍ଧୀ ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇଛି।

2. ଆଫଗାନିସ୍ତାନର ଲୋକଙ୍କ ସହ ଆମର ବିଶେଷ ସମ୍ପର୍କ ଜାରି ରଖିବା ଏବଂ ସେମାନଙ୍କୁ ମାନବିକ ସହାୟତା ଯୋଗାଇବା ପାଇଁ ଭାରତ ପ୍ରତିବଦ୍ଧ। ଏହି ପ୍ରୟାସ ଅନ୍ତର୍ଗତ ସମ୍ପ୍ରତି ଆମେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ମାଧ୍ୟମରେ ଆଫଗାନିସ୍ତାନକୁ 500,000 ଡୋଜ୍ କୋଭିଡ ଟିକା ଓ 1.6 ଟନ୍ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲୁ। ଆସନ୍ତା କିଛି ସପ୍ତାହରେ ଆମେ ଆଫଗାନିସ୍ତାନକୁ ଔଷଧ ଓ ଖାଦ୍ୟଶସ୍ୟ ସମେତ ଅଧିକ ମାନବିକ ସହାୟତା ଯୋଗାଇଦେବୁ।

ନୂଆଦିଲ୍ଲୀ

ଜାନୁଆରୀ 07, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.